# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ,ରାଉରକେଲା

ପତ୍ର ସଂଖ୍ୟା ୯୩୪/ଗୃହରକ୍ଷୀ                                                                 ତା. ୦୯.୦୬.୨୦୨୫

## ଗୃହରକ୍ଷୀ ଚୟନ ନିମନ୍ତେ ପରୀକ୍ଷା ଯୋଜନା

ବିଜ୍ଞାପନ ପତ୍ର ସଂଖ୍ୟା-୪୩/ଗୃହରକ୍ଷୀ ତା.୧୯.୦୨.୨୦୨୫ ଅନୁଯାୟୀ ଏହା ଜଣାଇ ଦିଆଯାଉଛି ଯେ ରାଉରକେଲା ଜିଲ୍ଲା ରେ ଖାଲିଥିବା ୧୦୭ ଗୃହରକ୍ଷୀ ପଦବି ପୂରଣ ପାଇଁ ବିଜ୍ଞାପନ କରାଯାଇଥିଲା । ସମସ୍ତ ଆବେଦନକାରୀଙ୍କୁ ଏତଦ୍ବାରା ଜଣାଇ ଦିଆଯାଉଛି ଯେ ରାଉରକେଲା ପୋଲିସ ଜିଲ୍ଲାରେ ଗୃହରକ୍ଷୀ ପଦବୀ ପୂରଣ ପାଇଁ ଚୟନ ପ୍ରକ୍ରିୟା ନିମନ୍ତେ ଏକ ଲିଖିତ ପରୀକ୍ଷା ନିମ୍ନରେ ଉଲ୍ଲେଖିତ ତାରିଖ ଏବଂ ସମୟରେ ଇସ୍ପାତ ଷ୍ଟଡିୟମ, ସେକ୍ଟର ୬, ରାଉରକେଲା ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ତେଣୁ, ଆବେଦନ କରିଥିବା ପ୍ରାର୍ଥୀମାନେ, ଉପରୋକ୍ତ ଦିନ **ଇସ୍ପାତ ଷ୍ଟଡିୟମ, ସେକ୍ଟର ୬, ରାଉରକେଲା** ରେ **ସକାଳ ୫ ଘଟିକା ସମୟରେ** ସେମାନଙ୍କର ମୂଳ ପ୍ରମାଣପତ୍ର (ଭୋଟର ପରିଚୟ ପତ୍ର, ଅନ୍ୟାନ୍ୟ ସରକାରୀ ପରିଚୟ ପତ୍ର ଏବଂ ସେମାନଙ୍କର ଜେରକ୍ସ କପି) ସହିତ ପରୀକ୍ଷାର୍ଥୀ ମାନେ କଲମ, ପରୀକ୍ଷା ପଟା (Exam Board) ଓ ପାଣି ବୋତଲ ସାଙ୍ଗରେ ନେଇ ଆସିବେ ଏବଂ ଆବେଦନ ଦାଖଲ ସମୟରେ ଦିଆଯାଇଥିବା ଟୋକନ ସହିତ ଉପସ୍ଥିତ ରହିବା ଆବଶ୍ୟକ ।

**ପ୍ରାର୍ଥୀମାନଙ୍କ ଚୟନ ପ୍ରକ୍ରିୟା ରେ ନିମ୍ନଲିଖିତ ପ୍ରମୁଖ ପଦ୍ଧତି ଗୁଡିକୁ ଉଲ୍ଲେଖ କରାଯାଇଛି :-**

(କ) ଆବେଦନପତ୍ର ଗୁଡ଼ିକର ଯାଞ୍ଚ ଏହି ବିଜ୍ଞାପନ ପ୍ରକାଶନର ଦିନ ଏହା ଗୃହରକ୍ଷୀ କାର୍ଯ୍ୟାଳୟ ରାଉରକେଲାର ନୋଟିସ ବୋର୍ଡ, ରାଉରକେଲା ପୋଲିସ ଜିଲ୍ଲାର ସମସ୍ତ ଥାନାର ନୋଟିସ ବୋର୍ଡ ଏବଂ ଆରକ୍ଷୀ ନିରିକ୍ଷକ ରାଉରକେଲାଙ୍କ ସରକାରୀ ୱେବସାଇଟ ରେ ପ୍ରକାଶିତ ହେବ । ଯେଉଁ ପ୍ରାର୍ଥୀଙ୍କ ଆବେଦନପତ୍ର (ଯୋଗ୍ୟତା ମାନଦଣ୍ଡ ବ୍ୟତୀତ) ପ୍ରତ୍ୟାଖ୍ୟାନ କରାଯାଇଛି ସେମାନଙ୍କୁ **ତା.୦୭.୦୬.୨୦୨୫** ରିଖ ସୁଦ୍ଧା ସେମାନଙ୍କର ଡକ୍ୟୁମେଣ୍ଟ / ଫର୍ମ ସଂଶୋଧନ କରିବାକୁ ସୁଯୋଗ ଦିଆଯିବ ।

(ଖ) ନିର୍ଦ୍ଦିଷ୍ଟ ଦକ୍ଷତା/ଟ୍ରାଡେ ଏବଂ ସାଧାରଣ ଡ୍ୟୁଟି (GD) ଥିବା ପ୍ରାର୍ଥୀମାନଙ୍କ ପାଇଁ ପୃଥକ ପରୀକ୍ଷା ହେବ ।

(ଗ) ଚୂଡ଼ାନ୍ତ ଚୟନ ପାଇଁ କୌଣସି ଅପେକ୍ଷା ତାଲିକା ରହିବ ନାହିଁ ।

(ଘ) କୌଣସି ପୂର୍ବ ସୂଚନା ବିନା ଖାଲିଥିବା ପଦବୀ ସଂଖ୍ୟା ପରିବର୍ତ୍ତନ ହୋଇପାରେ ।

(ଙ) କେବଳ ପଦବୀ ପାଇଁ ଆବେଦନ କରିବା ଦ୍ଵାରା ଆପଣ ନିଯୁକ୍ତି ପାଇଁ ବିବେଚିତ ହେବେ ନାହିଁ ।

(ଚ) ନିଯୁକ୍ତି ପ୍ରକ୍ରିୟା ସମୟରେ ଅନୁଶାସନହୀନତା ହେଲେ ତୁରନ୍ତ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରାଯିବ।

(ଛ) ଚୟନ ବୋର୍ଡର ଉପଯୁକ୍ତ ମେରିଟ୍ ତାଲିକା ଅନୁମୋଦନ ପରେ ଚୂଡ଼ାନ୍ତ ମେରିଟ୍ ତାଲିକା ପ୍ରକାଶିତ ହେବ ।

(ଜ) ଯଦି ପ୍ରାର୍ଥୀ କୌଣସି ପରୀକ୍ଷାରେ ଯୋଗ ନ ଦିଅନ୍ତି, ତେବେ ଦ୍ଵିତୀୟ ସୁଯୋଗ ଦିଆଯିବ ନାହିଁ ।

**ପରୀକ୍ଷା ଯୋଜନା:**

**ଆବଶ୍ୟକତା ପରୀକ୍ଷାରେ ନିମ୍ନଲିଖିତ ପର୍ଯ୍ୟାୟଗୁଡ଼ିକ:-**

| କ୍ର. ସ. | ପରୀକ୍ଷାର ପର୍ଯ୍ୟାୟ ଗୁଡ଼ିକ | ପରୀକ୍ଷାର ତାରିଖ ଏବଂ ସମୟ ଏବଂ ସ୍ଥାନ | ପେପର/ପରୀକ୍ଷା | ଅବଧି | ମାର୍କ | ପରୀକ୍ଷାର ପ୍ରକାର |
|---|---|---|---|---|---|---|
| ୧. | ଭାଷା ପରୀକ୍ଷା (ଯୋଗ୍ୟତା ମୂଳକ) (ଏହା ସମସ୍ତ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ) | ତା.୦୯.୦୬.୨୦୨୫ ରିଖ ସକାଳ ୭.୩୦ଟାରେ ଇସ୍ପାତ ଷ୍ଟଡିୟମ, ସେକ୍ଟର ୬, ରାଉରକେଲା | ଓଡ଼ିଆ ଭାଷା ପରୀକ୍ଷା | (୩୦ ମିନିଟ୍) | ୨୦ ମାର୍କ (ପ୍ରାର୍ଥୀମାନେ ଅନ୍ତତଃ ୬୦% ମାର୍କ ରଖିବେ, ଯାହା କି ଯୋଗ୍ୟତା ମୂଳକ ଅଟେ।) | (ରଚନା ଲେଖା) |
| ୨. | ଓ.ଏମ.ଆର ଆଧାରିତ ଲିଖିତ ପରୀକ୍ଷା (ଏହା ସମସ୍ତ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ) | ତା. ୦୯.୦୬.୨୦୨୫ ରିଖ ସକାଳ ୮.୩୦ ରୁ ୯.୩୦ ପର୍ଯ୍ୟନ୍ତ | ଓଡ଼ିଆ ଭାଷା ଏବଂ ସାଧାରଣ ଜ୍ଞାନ | ୬୦ ମିନିଟ୍ (୧ ଘଣ୍ଟା) | ୪୦ ମାର୍କ | OMR ପ୍ରକାର ସହିତ ଅବଜେକ୍ଟିଭ୍ ପ୍ରକାର। ପ୍ରତ୍ୟେକ ସଠିକ୍ ଉତ୍ତର ପାଇଁ ୧ ମାର୍କ ରହିବ। କୌଣସି ନକରାତ୍ମକ ମାର୍କିଂ ହେବ ନାହିଁ। |
| ୩. | ଭୌତିକ ମାନଦଣ୍ଡର ମାପ (ଏହା ସମସ୍ତ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ) | ସୂଚନା ଦିଆଯିବ | ବିସ୍ତୃତ ବିବରଣୀ ସ୍ତମ୍ଭ-୨ରେ ଉଲ୍ଲେଖ କରାଯାଇଅଛି | | ଯୋଗ୍ୟତା ମୂଳକ । (କୌଣସି ମାର୍କ ନାହିଁ) | |
| ୪. | ଡାକ୍ତରୀ ପରୀକ୍ଷା | ସୂଚନା ଦିଆଯିବ | ଯୋଗ୍ୟତା ମୂଳକ । (କୌଣସି ମାର୍କ ନାହିଁ) | | ଯେଉଁ ଆବେଦନକାରୀଙ୍କ ପାଖରେ ପୁରାତନ ରୋଗ ଓ ଆବସ୍ୟକିୟ ଡାକ୍ତରୀ ପରୀକ୍ଷା ରେ ଯଦି MO (ମେଡିକାଲ୍ ଅଫିସର) ଅଯୋଗ୍ୟ ଘୋଷଣା କରନ୍ତି, ସେମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଅଯୋଗ୍ୟ ଘୋଷଣା କରାଯିବ । | |

| | | | | | |
|---|---|---|---|---|---|
| ୫. | ନିର୍ଦ୍ଦିଷ୍ଟ ବର୍ଗ / ଦକ୍ଷତା ନଥିବା ପ୍ରାର୍ଥୀଙ୍କ (G.D) ପାଇଁ ଶାରୀରିକ ପରୀକ୍ଷା<br>କିମ୍ବା<br>ଦକ୍ଷତା / ବର୍ଗ ପରୀକ୍ଷା (ବ୍ୟବହାରିକ) | ସୂଚନା ଦିଆଯିବ | ଉଭୟ ପୁରୁଷ ଓ ମହିଳା ଙ୍କ ପାଇଁ ୨ କିଲୋମିଟର ଚାଲିବା | **ପୁରୁଷ** ମାନଙ୍କ ପାଇଁ -୧୬ ମିନିଟ୍- ୨୦ ମାର୍କ ,<br>ମାନଙ୍କ ପାଇଁ -୧୮ମିନିଟ୍- ୧୫ମାର୍କ<br>ମାନଙ୍କ ପାଇଁ -୨୦ମିନିଟ୍- ୧୦ ମାର୍କ | |
| | | | | **ମହିଳା** ମାନଙ୍କ ପାଇଁ - ୧୮ ମିନିଟ୍- ୨୦ ମାର୍କ<br>ମାନଙ୍କ ପାଇଁ - ୨୦ମିନିଟ୍- ୧୫ ମାର୍କ<br>ମାନଙ୍କ ପାଇଁ – ୨୨ ମିନିଟ୍- ୧୦ମାର୍କ | |
| | | | ଦକ୍ଷତା / ବର୍ଗ ପରୀକ୍ଷା (ବ୍ୟବହାରିକ) | ୨୦ ମାର୍କ | |
| ୬. | ଏକ ଭାଇଭା ପରୀକ୍ଷା (ବ୍ୟକ୍ତିଗତ ସାକ୍ଷାତକାର) ହେବ। | ସୂଚନା ଦିଆଯିବ | ବିସ୍ତୃତ ବିବରଣୀ ସ୍ତମ୍ଭ-୭ ରେ ଉଲ୍ଲେଖ କରାଯାଇଅଛି । | ୨୦ ମାର୍କ | |
| ୭. | କାର୍ଯ୍ୟରତ ଥିବା ସମୟରେ ମୃତ ହୋଇଥିବା ଗୃହରକ୍ଷୀ ମନଙ୍କର ଉତ୍ତରାଧିକାରୀ ମାନଙ୍କ ପାଇଁ | ସୂଚନା ଦିଆଯିବ | ବିସ୍ତୃତ ବିବରଣୀ ସ୍ତମ୍ଭ-୮ ରେ ଉଲ୍ଲେଖ କରାଯାଇଅଛି । | ଅତିରିକ୍ତ ୧୦ ମାର୍କ | |

**ମୋଟ ମାର୍କ - ୮୦ ମାର୍କ**

**ଟିପ୍ପଣୀ:**

i) ଯେଉଁ ପ୍ରାର୍ଥୀମାନେ ଓଡ଼ିଆ ଭାଷା ପରୀକ୍ଷାରେ ଯୋଗ୍ୟତା ଅର୍ଜନ କରିବେ, ସେମାନେ ପରବର୍ତ୍ତୀ ପ୍ରକ୍ରିୟାରେ ଉପସ୍ଥିତ ରହିବେ ।

ii) ଲିଖିତ ପରୀକ୍ଷା OMR ଆଧାରିତ ଫର୍ମାଟ ରେ ବହୁବିଧ ବିକଳ୍ପ ସହିତ ପରିଚାଳିତ ହେବ ।

**(ସ୍ତମ୍ଭ-୧) ଓଡ଼ିଆ ଭାଷା ଲିଖିତ ପରୀକ୍ଷା (ଯୋଗ୍ୟତା ମୂଳକ) :**

ଏହି ପର୍ଯ୍ୟାୟରେ ପ୍ରାର୍ଥୀ ଓ ପ୍ରାର୍ଥୀନୀ ପାଇଁ ଉପରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ସମୟରେ ଇସ୍ପାତ ଷ୍ଟଡିୟମ, ସେକ୍ଟର ୬, ରାଉରକେଲା ରେ ଓଡ଼ିଆ ଭାଷା ପାଇଁ ଏକ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀ ମାନେ କଲମ, ପରୀକ୍ଷା ପଟା (Exam Board) ଓ ପାଣି ବୋତଲ ସାଙ୍ଗରେ ନେଇ ଆସିବେ । ଏହି ପରୀକ୍ଷାରେ, ସେମାନେ ୪୦୦ ଶବ୍ଦ ମଧ୍ୟରେ ଓଡ଼ିଆ ଭାଷାରେ ଚାରୋଟି ପ୍ରବନ୍ଧ ମଧ୍ୟରୁ ଯେକୌଣସି ଗୋଟିଏ ଲେଖିବେ ।

**ଦକ୍ଷତା ପରୀକ୍ଷା।**

i) ଯେଉଁ ପ୍ରାର୍ଥୀମାନେ ଓଡ଼ିଆ ଭାଷା ପରୀକ୍ଷାରେ ଯୋଗ୍ୟତା ଅର୍ଜନ କରିବେ, ସେମାନେ ପରବର୍ତ୍ତୀ ପ୍ରକ୍ରିୟାରେ ଉପସ୍ଥିତ ରହିବେ ।

**(ସ୍ତମ୍ଭ-୨) ଲିଖିତ ପରୀକ୍ଷା ଆବଣ୍ଟିତ ମାର୍କ-୪୦ (ଚାଳିଶ ମାର୍କ), ଅବଧି - ୬୦ ମିନିଟ୍**

(କ) ଲିଖିତ ପରୀକ୍ଷାରେ ପ୍ରଶ୍ନଗୁଡ଼ିକ ଓଡ଼ିଆ ଭାଷା ଏବଂ ସାଧାରଣ ଜ୍ଞାନ ଉପରେ ଆଧାରିତ ହେବ । ପ୍ରଶ୍ନଗୁଡ଼ିକର ମାନ ଏପରି ହେବ ଯେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଉତ୍ତର ଦେଇପାରିବେ । ଲିଖିତ ପରୀକ୍ଷାରେ କୌଣସି ନକାରାତ୍ମକ ମାର୍କିଂ ହେବ ନାହିଁ ।

(ଖ) ଲିଖିତ ପରୀକ୍ଷାର ମାଧ୍ୟମ ଓଡ଼ିଆ ଭାଷାରେ ହେବ ।

(ଗ) ଲିଖିତ ପରୀକ୍ଷାରେ ଯୋଗ ନ ଦେଉଥିବା ପ୍ରାର୍ଥୀମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବ ।

(ଘ) ନିଯୁକ୍ତି ନିୟମ ଅନୁଯାୟୀ ଲିଖିତ ପରୀକ୍ଷାରେ ସର୍ବନିମ୍ନ ଯୋଗ୍ୟତା ମାର୍କ ଚୟନ ବୋର୍ଡ ଦ୍ୱାରା ସ୍ଥିର କରାଯିବ ।

(ଙ) ଲିଖିତ ପରୀକ୍ଷା (ଓ.ଏମ.ଆର) ଆଧାରିତ ନିଯୁକ୍ତି ପରୀକ୍ଷା ପଦ୍ଧତିରେ ଅନୁଷ୍ଠିତ ହେବ ।

(ଚ) ଏହି ଲିଖିତ ପରୀକ୍ଷା ରେ କୃତ କାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ମାନଙ୍କୁ ୧: ୧୫ ହିସାବରେ ପରବର୍ତ୍ତୀ ପର୍ଯ୍ୟାୟ କୁ ଉତ୍ତିର୍ଣ୍ଣ କରାଯିବ ।

**(ସ୍ତମ୍ଭ-୩) ଭୌତିକ ମାନଦଣ୍ଡର ମାପ :(ଯୋଗ୍ୟତା ମୂଳକ)**

| ପ୍ରାର୍ଥୀମାନଙ୍କର ନିମ୍ନଲିଖିତ ଅନୁସାରେ ଉଚ୍ଚତା, ଓଜନ ଏବଂ ଛାତିର ସର୍ବନିମ୍ନ ଶାରୀରିକ ମାନଦଣ୍ଡ ଥିବା ଆବଶ୍ୟକ: | ଉଚ୍ଚତା | ଓଜନ | ଛାତି | |
|---|---|---|---|---|
| | | | ଅଣ-ସଂପ୍ରସାରିତ | ସଂପ୍ରସାରିତ |
| ପୁରୁଷ | ୧୬୩ ସେ.ମି | ୫୦ କି.ଗ୍ରା. | ୭୬ ସେ.ମି. | ୮୧ ସେ.ମି. |
| ମହିଳା | ୧୫୩ ସେ.ମି | ୪୫ କି.ଗ୍ରା. | - | - |

**(ଅଣ-ସଂପ୍ରସାରିତ ଏବଂ ସଂପ୍ରସାରିତ ଛାତି ମଧ୍ୟରେ ସର୍ବନିମ୍ନ ୫ ସେ.ମି. ପାର୍ଥକ୍ୟ ରହିବା ଉଚିତ)**

(କ) ଉପରେ ଉଲ୍ଲେଖ କରାଯାଇଥିବା ସର୍ବନିମ୍ନ ଶାରୀରିକ ମାନ ସମସ୍ତ ପ୍ରାର୍ଥୀଙ୍କ ପାଇଁ ପ୍ରଯୁଜ୍ୟ ହେବ ଯଦି ପ୍ରାର୍ଥୀଙ୍କର ଏକ ନିର୍ଦ୍ଦିଷ୍ଟ ଦକ୍ଷତା ଥାଏ କିନ୍ତୁ ସର୍ବନିମ୍ନ ଶାରୀରିକ ମାନଦଣ୍ଡ ପୂରଣ ହେଉନଥାଏ, ତେବେ ବ୍ରଡସିଟ୍ ରେ ଦକ୍ଷତା ଉଲ୍ଲେଖ ରହିବ ଏବଂ ଯଦି ଦକ୍ଷତା ପରୀକ୍ଷାରେ ଉପଯୁକ୍ତ ମନେ ହୁଏ, ତେବେ ମହା-ସମାଦେଷ୍ଟା, ଓଡ଼ିଶା ଗୃହରକ୍ଷୀ ଙ୍କୁ ମାନଦଣ୍ଡରେ କୋହଳ ପାଇଁ ଅନୁରୋଧ କରାଯିବ ।

**(ସ୍ତମ୍ଭ-୪) ଡାକ୍ତରୀ ପରୀକ୍ଷା (ଯୋଗ୍ୟତା ମୂଳକ) :**

ଏହି ପର୍ଯ୍ୟାୟରେ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କର ସରକାରୀ ଡାକ୍ତରୀ ବୋର୍ଡ ଦ୍ୱାରା ଏକ ପ୍ରାରମ୍ଭିକ ପରୀକ୍ଷା କରାଯିବ ଏବଂ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟାର ମାପଦଣ୍ଡ ନିର୍ଧାରଣ କରାଯିବ । ହୃଦଜନିତ ଓ ରକ୍ତଚାପ ଜନିତ ସମସ୍ୟା ଦେଖାଗଲେ ସେମାନଙ୍କୁ ପରବର୍ତ୍ତୀ ଶାରୀରିକ ଦକ୍ଷତା ନିମନ୍ତେ ବାଦ କରାଯିବ । ଏହାପରେ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କର କୌଣସି ସ୍ୱାସ୍ଥ୍ୟ ଗତ ସମସ୍ୟା ନ ଥିବାର ଏକ ଚୁକ୍ତିନାମା ସେମାନଙ୍କ ଦ୍ୱାରା ଦସ୍ତଖତ କରାଯିବ ।

## (ସ୍ତମ୍ଭ-୫) ନିର୍ଦ୍ଦିଷ୍ଟ ବର୍ଗ / ଦକ୍ଷତା ନଥିବା ପ୍ରାର୍ଥୀଙ୍କ (G.D) ପାଇଁ ଶାରୀରିକ ପରୀକ୍ଷା: (୨୦ ମାର୍କ ):

କେବଳ ଡାକ୍ତରୀ ପରୀକ୍ଷା ଯୋଗ୍ୟତା ଅର୍ଜନ କରିଥିବା ପରୀକ୍ଷାର୍ଥୀ ମାନଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।

| ପ୍ରାର୍ଥୀମାନେ | ଇଭେଣ୍ଟ ଗୁଡ଼ିକ | ସମୟ/ପ୍ରଚେଷ୍ଟା |
|---|---|---|
| ପୁରୁଷ (ସାଧାରଣ ବର୍ଗ) | ଚାଲିବା ୨ କିଲୋମିଟର | ୧୬ ମିନିଟ୍- ୨୦ ମାର୍କ<br>୧୮ମିନିଟ୍- ୧୫ ମାର୍କ<br>୨୦ମିନିଟ୍- ୧୦ ମାର୍କ |
| ମହିଳା (ସାଧାରଣ ବର୍ଗ) | ଚାଲିବା ୨ କିଲୋମିଟର | ୧୮ ମିନିଟ୍- ୨୦ ମାର୍କ<br>୨୦ମିନିଟ୍- ୧୫ ମାର୍କ<br>୨୨ ମିନିଟ୍- ୧୦ମାର୍କ |

(କ) ଶାରୀରିକ ମାନଦଣ୍ଡ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ସମୟରେ ଯେକୌଣସି ଅଭିଯୋଗ, ପରୀକ୍ଷା ସମାପ୍ତ ହେବାର ଠିକ୍ ପୂର୍ବରୁ ବୋର୍ଡ ଅଧକ୍ଷଙ୍କ ଦୃଷ୍ଟିକୁ ଆଣିବା ଉଚିତ ଏବଂ ଏ ସମ୍ପର୍କରେ ଅଧକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବାଧ୍ୟତାମୂଳକ ହେବ ।

(ଖ) ପ୍ରାର୍ଥୀମାନେ ଶାରୀରିକ ଦକ୍ଷତା ପରୀକ୍ଷା ସମୟରେ କିମ୍ବା ତା'ପରେ ଶାରୀରିକ ଦକ୍ଷତା ପରୀକ୍ଷାରେ ଉପସ୍ଥିତ ହେବା ଯୋଗୁଁ ପ୍ରାର୍ଥୀଙ୍କ କୌଣସି କ୍ଷତି କିମ୍ବା ଶାରୀରିକ କ୍ଷତି ପାଇଁ ସେ ନିଜେ ଦାଇ ରହିବେ ଏବଂ ଏଥିପାଇଁ ନିଯୁକ୍ତି ବୋର୍ଡ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

### ଗୁରୁତ୍ୱପୂର୍ଣ୍ଣ ସୂଚନା:

ପ୍ରାର୍ଥୀ ବିଭିନ୍ନ ଶାରୀରିକ ଦକ୍ଷତା ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଶାରୀରିକ ସୁସ୍ଥତା ସମ୍ବନ୍ଧୀୟ ଏକ ଆତ୍ମ-ଘୋଷଣା ପ୍ରମାଣପତ୍ର ପ୍ରଦାନ କରିବେ (Annexure –E) । ଯଦି ମେଡିକାଲ ଫିଟ୍-ନେସ୍ ପ୍ରମାଣପତ୍ର ଦାଖଲ ନ କରନ୍ତି ତେବେ ସେମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ନିଆଯିବ ନାହିଁ ।

## (କିମ୍ବା) ଦକ୍ଷତା / ବର୍ଗ ପରୀକ୍ଷା (ବ୍ୟବହାରିକ): (୨୦ ମାର୍କ)

କେବଳ ଡାକ୍ତରୀ ପରୀକ୍ଷା ଯୋଗ୍ୟତା ଅର୍ଜନ କରିଥିବା ପରୀକ୍ଷାର୍ଥୀ ମାନଙ୍କୁ ଦକ୍ଷତା / ବର୍ଗ ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।

(କ) ଯେଉଁ ଆବେଦନକାରୀମାନେ ଡ୍ରାଇଭିଂ, କମ୍ପ୍ୟୁଟର ଦକ୍ଷତା, ରୋଷେଇ, ରାଜମିସ୍ତ୍ରୀ, ବଢ଼େଇ, ମାଳି, ଇଲେକ୍ଟ୍ରିସିଆନ୍, ବାରିକ ଇତ୍ୟାଦି ନିର୍ଦ୍ଦିଷ୍ଟ କୌଶଳ କିମ୍ବା ଦକ୍ଷତା ଅନୁସାରେ ଆବେଦନ କରିଛନ୍ତି ସେମାନଙ୍କୁ ପୃଥକ ପରୀକ୍ଷା ଦେବାକୁ ପଡିବ ।

(ଖ)କୌଶଳ କିମ୍ବା ଦକ୍ଷତା ଥିବା ପ୍ରାର୍ଥୀମାନେ ଯୋଗ୍ୟତା ପରୀକ୍ଷା, ଯଥା ଓଡ଼ିଆ ଭାଷା ପରୀକ୍ଷା ଏବଂ ଶାରୀରିକ ଯୋଗ୍ୟତା ମାନଦଣ୍ଡରୁ ମୁକ୍ତ ନୁହଁନ୍ତି।

(ଗ) ସେମାନଙ୍କ ପାଇଁ ପୃଥକ ବ୍ୟବହାରିକ/ତତ୍ତ୍ୱ ପରୀକ୍ଷା କରାଯିବ ଏବଂ ସେମାନଙ୍କୁ ନିର୍ଦ୍ଦିଷ୍ଟ ଦକ୍ଷତା ଅନୁସାରେ ମାର୍କ ପ୍ରଦାନ କରାଯିବ ।

(ଘ) ନିର୍ଦ୍ଦିଷ୍ଟ ଦକ୍ଷତା ଥିବା ପ୍ରାର୍ଥୀମାନେ ଅଭିଜ୍ଞତା ପ୍ରମାଣପତ୍ର/ନିଯୁକ୍ତିର ପ୍ରମାଣପତ୍ର ଏବଂ ସ୍ୱ-ପ୍ରମାଣିତ ନିର୍ଦ୍ଦିଷ୍ଟ ଟ୍ରେଡର ଅଭିଜ୍ଞତା ବର୍ଷଗୁଡ଼ିକୁ ପ୍ରଦାନ କରିବେ ।

(ଙ) ଡ୍ରାଇଭିଂ ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନଙ୍କୁ ବୈଧ LMV/MMV/HMV ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରିବାକୁ ପଡିବ ।

## (ସ୍ତମ୍ଭ-୬) ବ୍ୟକ୍ତିଗତ ସାକ୍ଷାତକାର (୨୦ ନମ୍ବର)

ଏହି ପର୍ଯ୍ୟାୟରେ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କ ପାଇଁ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା କରାଯିବ ଯେଉଁଥିରେ ନିର୍ଣ୍ଣୟ କରାଯିବ ଯେ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କ ଦାୟିତ୍ୱ, ବ୍ୟକ୍ତିତ୍ୱ, ଉପସ୍ଥାପନା ଏବଂ ଉପଯୋଗିତା ଯାହାକି ପୋଲିସ ବିଭାଗ ପାଇଁ କାର୍ଯ୍ୟ କରିବାରେ ସାହାୟକ ହେବ । ଏହି ସାକ୍ଷାତକାର ପରୀକ୍ଷା ପାଇଁ ସର୍ବାଧିକ ୨୦ ନମ୍ବର ଧାର୍ଯ୍ୟ କରାଯାଇଛି ।

## (ସ୍ତମ୍ଭ-୭) କାର୍ଯ୍ୟରତ ଥିବା ସମୟରେ ମୃତ୍ୟୁ ବରଣ କରିଥିବା ଗୃହରକ୍ଷୀ ମନଙ୍କର ଉତ୍ତରାଧିକାରୀ ମାନଙ୍କ ପାଇଁ (ଅତିରିକ୍ତ ୧୦ ନମ୍ବର)

କାର୍ଯ୍ୟରତ ଥିବା ସମୟରେ ମୃତ୍ୟୁ ବରଣ କରିଥିବା ଗୃହରକ୍ଷୀ ମନଙ୍କର ଉତ୍ତରାଧିକାରୀ ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ମୃତ ପ୍ରମାଣପତ୍ର ସହିତ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କଲେ ମୃତ ଗୃହରକ୍ଷୀ ମାନଙ୍କର ସମ୍ପର୍କୀୟ ମାନଙ୍କୁ ଅତିରିକ୍ତ ୧୦ ନମ୍ବର ଦିଆଯିବ ।

**ନମ୍ବର ବଣ୍ଟନ**

| | | |
|---|---|---|
| (୧) ସାଧାରଣ ଜ୍ଞାନ | - | ୪୦ ନମ୍ବର |
| (୨) ବର୍ଗ / ଦକ୍ଷତା ଜ୍ଞାନ/ ଶାରୀରିକ ଦକ୍ଷତା ପରୀକ୍ଷା (ଟ୍ରେଡ୍ ସାର୍ଟିଫିକେଟ୍ ନଥିବା ପ୍ରାର୍ଥୀ) | - | ୨୦ ନମ୍ବର |
| (୩) ବ୍ୟକ୍ତିଗତ ସାକ୍ଷାତକାର | - | ୨୦ ନମ୍ବର |

ମୋଟ = ୮୦ ନମ୍ବର

**ବିଶେଷ ଟିପ୍ପଣୀ:-**

(କ) ପ୍ରାର୍ଥୀମାନେ ଧ୍ୟାନ ଦେବେ ଯେ ଯଦି ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ସେମାନେ ପ୍ରତ୍ୟେକ ପରୀକ୍ଷାର ଶେଷ ତକରା ସୁଦ୍ଧା ଉପସ୍ଥିତ ନ ହୁଅନ୍ତି କିମ୍ବା ଅନୁପସ୍ଥିତ ଦେଖାଯାଆନ୍ତି ତେବେ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯିବ।

(ଖ) ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ଯେକୌଣସି ଗୋଟିଏ ଚୟନ ପ୍ରକ୍ରିୟା ଅଯୋଗ୍ୟ ବିବେଚିତ ହେଲେ ପରବର୍ତ୍ତୀ ଚୟନ ପ୍ରକ୍ରିୟା ରେ ଅଂଶଗ୍ରହଣ କରିପାରିବେ ନାହିଁ ।

(ଗ) ପ୍ରାର୍ଥୀ ଓ ପ୍ରାର୍ଥୀନୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ପରୀକ୍ଷା ସମ୍ବନ୍ଧୀୟ ବିବରଣୀ/ ସୂଚନା ସେମାନଙ୍କୁ ନିକଟସ୍ଥ ପୁଲିସ ଥାନା, ସମାଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ ଏବଂ ଏସଏମଏସ୍ ମାଧ୍ୟମରେ ଏବଂ ଆରକ୍ଷୀ ନିରିକ୍ଷକଙ୍କ (ୱେବସାଇଟ୍) (www.rourkelapolice.in) ଏବଂ ହେଲ୍ପ ଲାଇନ ନମ୍ବର ରୁ ଜାଣିପାରିବେ (୯୩୩୭୪୪୩୯୪୯) (୯୩୪୮୩୧୯୪୪୯) ।

ସମାଦେଷ୍ଟା ଗୃହରକ୍ଷୀ ବାହିନୀ,
ରାଉରକେଲା